## ସମ୍ବାଦ
## ତାରିଖ:୨୩.୦୩.୨୦୧୫

# କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ




**ବିଆଇଆଇଟିଏମ୍‌ର ବାର୍ଷିକୋତ୍ସବ**

ଭୁବନେଶ୍ୱର,୨୨।୩(ଇମିସ):ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ୧୫ତମ ବାର୍ଷିକ ଉତ୍ସବ ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏଲ୍‌ଆଣ୍ଡଟିର ମାନବ ସମ୍ବଳ ମୁଖ୍ୟ ଡ.ଆରକେ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ବିଜିନେସ୍ ଷ୍ଟାଣ୍ଡାର୍ଡର ରେସିଡେଣ୍ଟ ଏଡିଟର ଦିଲ୍ଲୀପ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ, କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ । ଛାତ୍ରଛାତ୍ରୀମାନେ ନିଜର ଜ୍ଞାନକୁ ପାଠ୍ୟ ପୁସ୍ତକ ଭିତରେ ସୀମିତ ନ ରଖି ବାହ୍ୟଜ୍ଞାନକୁ ବୃଦ୍ଧି କରିବା ପାଇଁ ପ୍ରତିଦିନ ଯେ କୌଣସି ଖବର କାଗଜ ବଢ଼ିବା ଜରୁରୀ । ସମ୍ମାନିତ ଅତିଥି ଭାବେ ଇନ୍‌ଫୋସିସ୍‌ର ମାନବ ସମ୍ବଳ ମୁଖ୍ୟ ବବି ପଟ୍ଟନାୟକ ଓ ଆକ୍ସିସ୍ ବ୍ୟାଙ୍କର ଭାଇସ୍ ପ୍ରେସିଡ଼େଣ୍ଟ୍ ଜଗଦୀଶ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖିବା ଦରକାର । ସ୍ୱପ୍ନକୁ ଚିନ୍ତନରେ ଓ ଚିନ୍ତନକୁ କାର୍ଯ୍ୟରେ ଏବଂ କର୍ଯ୍ୟକୁ ଅଭ୍ୟାସରେ ପରିଣତ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୋଇପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ଇଂ ପିଆର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ଡ. ପିକେ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ବିଗତ ଦୁଇବର୍ଷର ଶତ ପ୍ରତିଶତ ଆଡମିସନ୍ ଏବଂ ୯୦ ପ୍ରତିଶତରୁ ଅଧିକ ପ୍ଲେସମେଣ୍ଟ ପାଇଁ ଶିକ୍ଷକ, ଛାତ୍ର ଓ ପ୍ଲେସମେଣ୍ଟ ବିଭାଗର ପ୍ରଶଂସା କରିଥିଲେ । ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ସହକାରୀ ପ୍ରଫେସର ବିଦ୍ୟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।